ସି. ସମ୍ପଥ କୁମାର

ବନାମ

ପ୍ରବର୍ତ୍ତନ ଅଧିକାରୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ମାଡ୍ରାସ

ସେପ୍ଟେମ୍ବର 16, 1997

[ଡଃ ଏ.ଏସ୍. ଆନନ୍ଦ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ବୈଦେଶିକ ମୁଦ୍ରା ନିୟନ୍ତ୍ରଣ ଅଧିନିୟମ, 1973:*

*ଧାରା 40—ଏହି ଧାରା ଅଧୀନରେ ସମନ ଜାରି କରାଯାଇଛି —ସମନ ଜାରି କରାଯାଇଥିବା ବ୍ୟକ୍ତିଙ୍କ ବିବୃତି ଲିପିବଦ୍ଧ କରାଯାଇଥଲା—ସମନ ଜାରି କରାଯିବାକୁ ଆପତ୍ତି କରି ଏବଂ ଲିଖିତ ରୂପରେ ତାଙ୍କର ବିବୃତି ଦେବାକୁ ବାଧ କରାଯିବ ନାହିଁ ବୋଲି ଦାବି କରି ତାଙ୍କ ଦ୍ୱାରା ଏକ ରିଟ୍ ଆବେଦନ ଦାଖଲ ହୋଇଥିଲା—ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ଆବେଦନ ଖାରଜ ହୋଇଥିଲା—ଦର୍ଶାଯାଇଛି, ଜଣେ ବ୍ୟକ୍ତି ଯାହାଙ୍କୁ ଧାରା 40 ଅଧୀନରେ ସମନ୍ ଜାରି କରାଯାଏ, ତାଙ୍କୁ ଲିଖିତ ଭାବରେ ତାଙ୍କ ବିବୃତି ଦେବାକୁ ଏବଂ ଏଥିରେ ଦସ୍ତଖତ କରିବାକୁ ଡକାଯାଇପାରେ ଏବଂ ଏପରି କାର୍ଯ୍ୟ, ବିଧାନ କିମ୍ବା ସମ୍ବିଧାନ ଦ୍ୱାରା ନିଷିଦ୍ଧ ନୁହେଁ— ଏପରି ବ୍ୟକ୍ତିଙ୍କୁ ଚେତାବନୀ ଜାରି କରିବା ଯେ, ସତ୍ୟନିଷ୍ଠ ବିବୃତି ନଦେବା ଏକ ଅପରାଧ ହେବ, ଏହାକୁ ବିବୃତି "ବାହାର କରିବା" ପାଇଁ "ଚାପ" ଭାବରେ ବିବେଚନା କରାଯାଇପାରିବ ନାହିଁ—ଏପରି ସଚେତନକରଣ ଧାରା 40(3)ର ଆଇନଗତ ସମର୍ଥନ ମିଳିଥାଏ ଏବଂ ଧାରା 40(4)ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବିବୃତି ଦେଇଥିବା ବ୍ୟକ୍ତିଙ୍କ ହିତରେ ଏହା ପ୍ରଭାବୀ ଭାବେ ଲାଗୁ ହୁଏ ।*

*ଅମ୍ବା ଲାଲ୍ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **AIR (1961) SC 264, ଅନୁସରଣ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 6446/1997 ।

ଡବ୍ଲ୍ୟୁ.ଏ. ସଂଖ୍ୟା 329/1996ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ତା28.3.96ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଏସ୍.ଏସ୍. ରାୟ, ଟି.ଏସ୍. ଅରୁଣାଚଳମ୍, କେ.ଟି.ଏସ୍. ତୁଳସୀ, ଏସ୍.ବି. ୱାଦ୍, ଜିନସେନନ୍, ଏନ୍. ଜ୍ୟୋତି, କେ.କେ. ମଣି, କେ.ଭି. ବିଶ୍ୱନାଥନ୍, ବିକାଶ ପାହୱା, କେ.ଭି. ବିଜୟକୁମାର, ଏସ୍.ଏନ୍. ଭଟ୍ଟ, ମନୋଜ ୱାଦ୍ ଏବଂ ଭି.କେ. ବର୍ମା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ରିଟ୍ ଅପିଲ ସଂଖ୍ୟା 329/1996ରେ ତା28 ମାର୍ଚ୍ଚ, 1996ରିଖର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଅପିଲ ନିର୍ଦ୍ଦେଶିତ ହୋଇଛି ।

ନିର୍ଦ୍ଦିଷ୍ଟ ତାରିଖରେ ତାଙ୍କ ସମ୍ମୁଖରେ ହାଜର ହେବା ପାଇଁ ବିଦେଶୀ ମୁଦ୍ରା ନିୟନ୍ତ୍ରଣ ଅଧିନିୟମ, 1973 (ଏହା ପରେ ଏଫ୍ ଇ ଆର୍ ଏ କୁହାଯିବ)ର ଧାରା 40A ଅନୁଯାୟୀ ଅପିଲକାରୀଙ୍କୁ ଉତ୍ତରଦାତାଙ୍କ ଦ୍ୱାରା ସମନ୍ ଜାରି କରାଯାଇଥିଲା । ତାଙ୍କ ଉପସ୍ଥିତି ପାଇଁ କିଛି ସର୍ତ୍ତ ରଖିବା ପରେ, ଅପିଲକାରୀ 15 ମେ, 1996ରେ ଉତ୍ତରଦାତାଙ୍କ ସମ୍ମୁଖରେ ହାଜର ହୋଇଥିଲେ, ଯେତେବେଳେ ତାଙ୍କ ବିବୃତି ଲିପିବଦ୍ଧ ହୋଇଥିଲା । ତାଙ୍କର ବିବୃତି 9 ଜୁଲାଇ, 1996 ଏବଂ 12 ଜୁଲାଇ, 1996ରେ ମଧ୍ୟ ଲିପିବଦ୍ଧ ହୋଇଥିଲା । ଅପିଲକାରୀ ତାଙ୍କୁ ଜାରି ହୋଇଥିବା ସମନ୍ କୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ଏବଂ ରିଟ୍ ଆବେଦନରେ ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇଥିଲା ଯେ, ଅପିଲକାରୀଙ୍କୁ ଏଫ୍ ଇ ଆର୍ ଏ ଅଧୀନରେ ଏକ ଅପରାଧ ସମ୍ବନ୍ଧରେ ଲିଖିତ ଭାବରେ ତାଙ୍କ ବିବୃତି ଦେବାକୁ "ବାଧ" କରାଯାଇପାରିବ ନାହିଁ । ଉଚ୍ଚ ନ୍ୟାୟାଳୟର ଜଣେ ବିଜ୍ଞ ଏକକ ବିଚାରପତି ବିସ୍ତୃତ ଆଲୋଚନା ପରେ ରିଟ୍ ଆବେଦନ ଖାରଜ କରିଦେଇଥିଲେ । ଅପିଲକାରୀ ଏହି ମାମଲାକୁ ଏକ ରିଟ୍ ଅପିଲରେ ନେଇଥିଲେ । ଏକ ବିସ୍ତୃତ ଆଦେଶ ଦ୍ୱାରା ରିଟ୍ ଅପିଲ, ଗୃହୀତ ହେବା ପର୍ଯ୍ୟାୟରେ ହିଁ ଖାରଜ କରାଯାଇଥିଲା । ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଏହି ଅପିଲ ଦାଖଲ କରାଯାଇଛି ।

ଆମେ ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହା ଅସ୍ୱୀକାର କରାଯାଇ ନାହିଁ ଯେ, ଅପିଲକାରୀଙ୍କ ବିବୃତି, 15 ମେ, 1996, 9 ଜୁଲାଇ, 1996 ଏବଂ 12 ଜୁଲାଇ, 1996ରେ ଉତ୍ତରଦାତାଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିଲା । ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ବିବାଦ ନକରିବାରେ ଠିକ ଥିଲେ, ତେବେ ଏଫ୍ ଇ ଆର୍ ଏର

ଧାରା 40 ଅନୁଯାୟୀ ଯେଉଁ ବ୍ୟକ୍ତିଙ୍କୁ ସମନ୍ ଜାରି କରାଯାଇଛି, ତାଙ୍କୁ ଲିଖିତ ଭାବରେ ତାଙ୍କ ବିବୃତି ଦେବାକୁ ଏବଂ ଦସ୍ତଖତ କରିବାକୁ କୁହାଯାଇପାରେ ଏବଂ ଏପରି କରିବା ବିଧାନ କିମ୍ବା ସମ୍ବିଧାନ ଦ୍ୱାରା ନିଷିଦ୍ଧ ନୁହେଁ । ଆମ ମତ ଏପରି କୌଣସି ଅନୁମାନ ନାହିଁ ଯେ, ଏପରି ଏକ ବିବୃତି ସର୍ବଦା "ଅନିଚ୍ଛାକୃତ" ଅଟେ । *ଅମ୍ବା ଲାଲ୍ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* AIR (1961) SC 264ରେ ଏହି ନ୍ୟାୟାଳୟଙ୍କ ଏକ ସାମ୍ବିଧାନିକ ବିଚାରପୀଠ ମତ ଦେଇଛନ୍ତି ଯେ, ଏପରି ଏକ କାର୍ଯ୍ୟ ବାଞ୍ଛନୀୟ ଥିଲା ଏବଂ ପର୍ଯ୍ୟବେକ୍ଷଣ କରାଯାଇଥିଲା ଯେ, ପ୍ରସ୍ତୁତକର୍ତ୍ତାଙ୍କ ଦସ୍ତଖତ ଅଧୀନରେ ଲିଖିତ ବିବୃତି ଦେବା ପ୍ରସ୍ତୁତକର୍ତ୍ତା ତଥା ବିଭାଗର ସ୍ୱାର୍ଥକୁ ସୁରକ୍ଷା ଦେଇଥାଏ ଏବଂ ପରବର୍ତ୍ତୀ ସମୟରେ ଅଭିଯୋଗ କରିବାର ସମ୍ଭାବନାକୁ ଦୂର କରିଥାଏ ଯେ, ବିବୃତି କର୍ତ୍ତୃପକ୍ଷଙ୍କ ଦ୍ୱାରା ସଠିକ ଭାବରେ ଲିପିବଦ୍ଧ ହୋଇନାହିଁ । ତଥାପି, ଆମ ସମ୍ମୁଖରେ ଯାହା ଅନୁରୋଧ କରାଯାଇଛି ତାହା ହେଉଛି ଯେ, ତାଙ୍କୁ ଏପରି ବିବୃତି ଦେବା ପାଇଁ "ବାଧ୍ୟ" କରାଯାଇପାରିବ ନାହିଁ । ନ୍ୟାୟାଳୟରେ ଅପିଲକାରୀଙ୍କ ଦୃଢ଼ କଥନ ବ୍ୟତୀତ ଯେ, ବିବୃତି 'ବାଧ୍ୟବାଧକତା' ଅଧୀନରେ "ବାହାର କରାଯାଇଛି", ଯାହା ଉତ୍ତରଦାତାମାନଙ୍କ ଦ୍ୱାରା ଅସ୍ୱୀକାର କରାଯାଇଛି, ଏହି ଅଭିଯୋଗକୁ ସମର୍ଥନ କରିବା ପାଇଁ ନଥିରେ କୌଣସି ପ୍ରମାଣ ନାହିଁ, ଯାହା ଆଧାରରେ ଆମେ ଏହି ଅନୁମାନ କରିପାରିବୁ ଯେ, ଅପିଲକାରୀ କହିଥିବା ଭଳି କୌଣସି ଜବରଦସ୍ତି ଚାଲିଥିଲା ।

ସେହି ବିବୃତିରୁ "ବାଧ୍ୟତା"ର କୌଣସି ଉପାଦାନ ଦୃଶ୍ୟମାନ ହୋଇଛି କି ନାହିଁ ସେହି ବିଷୟରେ ସନ୍ତୁଷ୍ଟ ହେବାକୁ ଏହି ନ୍ୟାୟାଳୟ ସେହି ବିବୃତିର ନକଲ ଦାଖଲ କରିବାକୁ ଅପିଲକାରୀଙ୍କୁ ସୁଯୋଗ ଦେବା ସତ୍ତ୍ୱେ, ଅପିଲକାରୀ ଜାଣିଥିବା କାରଣ ପାଇଁ ସେହି ବିବୃତିର ନକଲଗୁଡ଼ିକୁ ଦାଖଲ କଲେ ନାହିଁ । ବାସ୍ତବରେ, ସେହି ବିବୃତିର ନକଲ, ସ୍ୱତନ୍ତ୍ର ଅନୁମତି ଆବେଦନ ସହିତ ଦାଖଲ କରାଯିବା ଉଚିତ ଥିଲା । ତେଣୁ, ଆମ ପାଇଁ ଏହା ଅନୁମାନ କରିବା ସମ୍ଭବ ନୁହେଁ ଯେ, ଅପିଲକାରୀଙ୍କୁ ତାଙ୍କ ବିବୃତି ଲିଖିତ ଭାବରେ ଦେବାକୁ ବାଧ୍ୟ କରିବା ପାଇଁ ଉତ୍ତରଦାତାଙ୍କ ଦ୍ୱାରା କୌଣସି "ବାଧ୍ୟତା" ପ୍ରୟୋଗ କରାଯାଇଥିଲା । ଏଫ୍ ଇ ଆର୍ ଏର ଧାରା 40 ଅନୁଯାୟୀ ସମନ୍ କରାଯାଇଥିବା ବ୍ୟକ୍ତିଙ୍କୁ ଚେତାବନୀ ଜାରି କରିବା ଯେ, ଏକ ସତ୍ୟନିଷ୍ଠ ବିବୃତି ନଦେବା ଏକ ଅପରାଧ ହେବ ଯାହା କୌଣସି କଳ୍ପନା ଦ୍ୱାରା ବିବୃତି "ବାହାର କରିବା" ପାଇଁ "ଚାପ"ର ବ୍ୟବହାର ଭାବରେ ବିବେଚନା କରାଯାଇପାରିବ ନାହିଁ । ଏଭଳି ସତର୍କତା ଜାରି କରିବା ଯାହାର ଏଫ୍ ଇ ଆର୍ ଏର ଧାରା 40(3)ର ଆଇନଗତ ସମର୍ଥନ ରହିଛି, ଏଫ୍ ଇ ଆର୍ ଏର ଧାରା 40(4)ର ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖି ବିବୃତି ଦେଉଥିବା ବ୍ୟକ୍ତିଙ୍କ ହିତରେ ଏହା ପ୍ରଭାବୀ ଭାବେ ଲାଗୁ ହୁଏ ।

ତେଣୁ, ଆମେ ଯାହା ଉପରେ କହିଛୁ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣ ପାଇଁ, ଆମେ ଏହି ଅପିଲରେ କୌଣସି ଯୋଗ୍ୟତା ପାଇ ନାହୁଁ । ତେଣୁ ଏହି ଅପିଲ ବିଫଳ ହୋଇଛି ଏବଂ ଏତଦ୍ୱାରା ଖାରଜ ହୋଇଛି । ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶଟି ବାତିଲ ହେଲା । ଅପିଲକାରୀ ₹5,000 ପ୍ରଦାନ କରିବେ ।

ଆର୍.ପି. ଅପିଲ ଖାରଜ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ
ଆଦିତ୍ୟ ପ୍ରସାଦ ମିଶ୍ର
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।